# ବିଦ୍ରୋହର ବହ୍ନିଶିଖା : ବୀର ସୁରେନ୍ଦ୍ର ସାଏ

**ନୃସିଂହ ଚରଣ ସାହୁ**

ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଅଧିକାର । କିନ୍ତୁ ଅନେକ ସମୟରେ ସହଜରେ ସ୍ୱାଧୀନତା ମିଳି ନ ଥାଏ । ସେଥିପାଇଁ ସମୟେ ସମୟେ ସଶସ୍ତ୍ର ସଂଗ୍ରାମ କରିବାକୁ ପଡ଼ିଥାଏ । ମାତ୍ର ସୁରେନ୍ଦ୍ର ସାଏ ହେଉଛନ୍ତି ଇତିହାସରେ ଏଭଳି ଜଣେ ବିରଳ ବ୍ୟକ୍ତିତ୍ୱ ଯିଏ ଜୀବନସାରା ସଂଗ୍ରାମ କରି କରି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । କିନ୍ତୁ ନିଜର ସ୍ୱାଧିକାରରୁ ବଂଚିତ କରିଥିବା ବ୍ରିଟିଶ ସରକାରଙ୍କ ଅନ୍ୟାୟ ଅନୀତି ଆଗରେ ମୁଣ୍ଡ ନୁଆଁଇ ନ ଥିଲେ ।



ବିପ୍ଳବୀ ସୁରେନ୍ଦ୍ର ସାଏଙ୍କ ଜନ୍ମ ସମ୍ବଲପୁର ଅଞ୍ଚଳର ଏକ ରାଜପରିବାରରେ ୧୮୦୯ ମସିହା ଜାନୁଆରୀ ୨୩ ତାରିଖରେ । ପିଲାଟି ଦିନରୁ ସେ ସାହସୀ ଓ ବୀର ସ୍ୱଭାବର ଥିଲେ । ସିପାହି ବିଦ୍ରୋହ ଆରମ୍ଭ ହେବାର ପ୍ରାୟ ୩୦ ବର୍ଷ ପୂର୍ବରୁ ତାଙ୍କର ଇଂରେଜମାନଙ୍କ ସହ ବିବାଦ ଆରମ୍ଭ ହୋଇଯାଇଥିଲା । ୧୮୨୭ ମସିହାରେ ସମ୍ବଲପୁରର ରାଜା ମହାରାଜା ସାଏ ଅପୁତ୍ରିକ ଅବସ୍ଥାରେ ପ୍ରାଣତ୍ୟାଗ କଲେ । ସୁରେନ୍ଦ୍ରଙ୍କ ପିତା ଧରମ ସିଂହ ଥିଲେ ସମ୍ବଲପୁର ଚୌହାନ ରାଜବଂଶର ପଞ୍ଚମ ମହାରାଜା, ବଳିଆର ସିଂହଙ୍କର ଉତ୍ତରାଧିକାରୀ । ତାଙ୍କର ଥିଲେ ସାତ ପୁଅ ଓ ଗୋଟିଏ ଝିଅ । ସୁରେନ୍ଦ୍ର ସାଏ ଥିଲେ ତାଙ୍କର ଜ୍ୟେଷ୍ଠ ପୁତ୍ର । ତେଣୁ ରାଜା ମହାରାଜା ସାଏଙ୍କ ଦେହାନ୍ତ ପରେ ନୈତିକତା ଦୃଷ୍ଟିରୁ ରାଜଗାଦି ସୁରେନ୍ଦ୍ରଙ୍କର ପ୍ରାପ୍ୟ । ମାତ୍ର ଇଂରେଜମାନେ ତାଙ୍କୁ ରାଜଗାଦିରୁ ବଞ୍ଚିତ କରି ମହାରାଜା ସାଏଙ୍କ ପତ୍ନୀ ରାଣୀ ମୋହନ କୁମାରୀଙ୍କୁ ଶାସନ ଦାୟିତ୍ୱ ଅର୍ପଣ କଲେ । ରାଜକାର୍ଯ୍ୟ ନିର୍ବାହ ନିମନ୍ତେ ରାଣୀଙ୍କର ଦକ୍ଷତା ନ ଥିଲା । ସେ ଥିଲେ ପର୍ଦ୍ଦାନସୀନ । ତାଙ୍କର କର୍ମଚାରୀମାନେ ତାଙ୍କ ଅଜ୍ଞତାର ସୁଯୋଗ ନେଇ ବ୍ରାହ୍ମଣ, ଗଣ୍ଡ ଓ ବିଂଝାଲମାନଙ୍କ ଉପରେ ନିର୍ଯାତନା କଲେ । ତେଣୁ ସେମାନଙ୍କ ମଧ୍ୟରେ ଜନଅସନ୍ତୋଷ ସୃଷ୍ଟି ହେଲା । ସେମାନେ ସୁରେନ୍ଦ୍ର ସାଏଙ୍କୁ ରାଜା କରାଇବା ନିମନ୍ତେ ବିଦ୍ରୋହ ଆରମ୍ଭ କଲେ ।

୧୮୨୭ ମସିହାରେ ଇଂରେଜମାନଙ୍କ ଅନ୍ୟାୟ ବିରୋଧରେ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ଭୟାବହ ରୂପ ଧାରଣ କଲା । ମାତ୍ର ୧୮ ବର୍ଷ ବୟସରେ ସେ ବିଦ୍ରୋହର ନେତୃତ୍ୱ ନେଇ ଆଦିବାସୀମାନଙ୍କୁ ଆପଣାର କରି ସଙ୍ଗଠିତ କଲେ ଏବଂ ଇଂରେଜ ସରକାରଙ୍କ ଅନ୍ୟାୟ ଅନୀତି ବିରୋଧରେ ଯୁଦ୍ଧ ଡାକରା ଦେଲେ । ବିଦ୍ରୋହ ଦମନ ନିମନ୍ତେ ହଜାରିବାଗରୁ କ୍ୟାପ୍‌ଟେନ ଉଇଲ୍‌କିନ୍‌ସନ୍ ବିରାଟ ସୈନ୍ୟବାହିନୀ ଧରି ସମ୍ବଲପୁରରେ ପହଞ୍ଚି ଅବସ୍ଥା ଅନୁଧ୍ୟାନ କଲେ ଏବଂ

୧୮୩୩ ମସିହାରେ ରାଣୀଙ୍କଠାରୁ ଶାସନ କ୍ଷମତା ପ୍ରତ୍ୟାହାର ନିମନ୍ତେ ନିଷ୍ପତ୍ତି ନେଲେ । ମାତ୍ର ଇଂରେଜମାନେ ରାଣୀଙ୍କ ପରିବର୍ତ୍ତେ ସୁରେନ୍ଦ୍ର ସାଏଙ୍କୁ ରାଜଗାଦି ନ ଦେଇ ନାରାୟଣ ସିଂହ ନାମକ ଆଉ ଜଣେ ଅଯୋଗ୍ୟ ତଥା ବୃଦ୍ଧ ବ୍ୟକ୍ତିଙ୍କୁ ଶାସନ ଦାୟିତ୍ୱ ଦେଲେ । ସେଦିନ ଥିଲା ୧୮୩୩ ମସିହା ଅକ୍ଟୋବର ୧୧ ତାରିଖ । ସେଇଦିନଠାରୁ ସମଗ୍ର ରାଜ୍ୟରେ ପୁଣି ଅସନ୍ତୋଷ ବ୍ୟାପିଗଲା ।

ନାରାୟଣ ସିଂଙ୍କ ଦୁର୍ବଳ ଓ ମନମୁଖୀ ଶାସନରେ ଅତିଷ୍ଠ ହୋଇ ଜନସାଧାରଣ ବିଦ୍ରୋହକୁ ଆଗେଇ ନେଲେ । ସୁରେନ୍ଦ୍ର ସାଏଙ୍କ ସହ ତାଙ୍କର କକା ବଳରାମ ସାଏ ବିଦ୍ରୋହର ପୁରୋଭାଗରେ ରହିଲେ । ବଳରାମ ସାଏ ଗଣ୍ଡ ଜମିଦାରମାନଙ୍କ ମଧ୍ୟରେ ନୂତନ ଚେତନା ଓ ଜାଗରଣ ସୃଷ୍ଟି କଲେ । ଇଂରେଜଙ୍କ ମନମୁଖୀ ଉତ୍ତରାଧିକାର ଚୟନ ବିରୋଧରେ ସେମାନଙ୍କୁ ଉତ୍ତେଜିତ କରି ନାରାୟଣ ସିଂହଙ୍କ ପରିବର୍ତ୍ତେ ସୁରେନ୍ଦ୍ରଙ୍କୁ ସମ୍ବଲପୁର ରାଜସିଂହାସନରେ ବସାଇବା ପାଇଁ ସମର୍ଥନ ଓ ସାହାଯ୍ୟ ନିବେଦନ କଲେ ।

ଏଥିରେ ବ୍ୟତିବ୍ୟସ୍ତ ହୋଇ ରାଜା ନାରାୟଣ ସିଂହ ନିଜର ସମର୍ଥକମାନଙ୍କୁ ସୁରେନ୍ଦ୍ର ସାଏଙ୍କୁ କଳେବଳେ ଧରିବା ନିମନ୍ତେ ମତେଇ ଦେଲେ । ଯେଉଁ କେତେକ ସ୍ୱାର୍ଥାନ୍ଧ ଜମିଦାର ରାଜା ନାରାୟଣ ସିଂହଙ୍କୁ ଅର୍ଥ, ସୈନ୍ୟସାମନ୍ତ ଓ ଗୁପ୍ତ ତଥ୍ୟ ଯୋଗାଇ ସାହାଯ୍ୟ କରୁଥିଲେ, ସେମାନଙ୍କ ମଧ୍ୟରେ ରାମପୁର ଜମିଦାର ଦୁର୍ଜୟ ସିଂହ ପ୍ରଧାନ ଥିଲେ । ତେଣୁ କ୍ରୋଧାନ୍ୱିତ ହୋଇ ସୁରେନ୍ଦ୍ର ଏବଂ ଉଦନ୍ତ ଦୁଇଭାଇ ୧୮୩୮ମସିହା ସେପ୍ଟେମ୍ବର ମାସରେ ରାମପୁର ଆକ୍ରମଣ କଲେ ।

ସେମାନେ ରାମପୁର ଦୁର୍ଗକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ । ଗାଁଗଣ୍ଡା ଜାଳି ଦେଲେ । ଜମିଦାର ଦୁର୍ଜୟ ସିଂହଙ୍କ ବାପା ଓ ପୁଅ ନିହତ ହେଲେ କିନ୍ତୁ ଦୁର୍ଜୟ ସିଂହ ହିମଗିରି ଜଙ୍ଗଲକୁ ପଳାଇଥିଲେ । ଏହାପରେ ଇଂରେଜ ସୈନ୍ୟମାନେ ଆସି ପାଲଟା ଆକ୍ରମଣ କଲେ । ସୁରେନ୍ଦ୍ର ଏବଂ ଲଖନ୍‌ପୁର ଜମିଦାର ବଳଭଦ୍ର ଦାଓ ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଉଥିବା ବେଳେ ହଠାତ୍ ଏଭଳି ଅତର୍କିତ ଆକ୍ରମଣ ହେଲା । ଏଥିରେ ଜମିଦାର ବଳଭଦ୍ର ଦାଓ ନିହତ ହେଲେ । କିନ୍ତୁ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ସୁରେନ୍ଦ୍ର ଖସି ପଳେଇ ଗଲେ ।

ରାମପୁର ଆକ୍ରମଣ ପରେ ସୁରେନ୍ଦ୍ରଙ୍କ ପ୍ରତାପ ବୃଦ୍ଧି ପାଇଲା । ସେ ବିଜୟ ଉଲ୍ଲାସରେ ଭାଇ ଉଦନ୍ତ, ଛବିଳ ଓ କାକା ବଳରାମଙ୍କ ସହ ସଦଳବଳେ ସାହାଯ୍ୟ ଲାଭ ପାଇଁ ପାଟଣା ଯାତ୍ରା କଲେ । ମାତ୍ର ସେମାନଙ୍କ ଗତିବିଧି ସମ୍ପର୍କରେ ଗୋପନରେ ତଥ୍ୟ ସଂଗ୍ରହ କରି ଆସିଷ୍ଟାଣ୍ଟ କମିଶନର ମେଜର ଓସ୍‌ଲେ ବହୁ ସୈନ୍ୟସାମନ୍ତ ଧରି ବୁଢ଼ାରଜା–ଦେହେରିପାଲ୍ଲୀରେ ସେମାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ ଚଳାଇଲେ । ତୋପ, ବନ୍ଧୁକ, ଗୁଳିଗୋଳା ଆଗରେ ସୁରେନ୍ଦ୍ର ବାହିନୀ ତିଷ୍ଠି ପାରିଲେ ନାହିଁ । ସେମାନେ ଛିନ୍ନଛତ୍ର ହୋଇଗଲେ । ୧୮୪୦ ମସିହାରେ ସୁରେନ୍ଦ୍ର, ଉଦନ୍ତ ଓ ସେମାନଙ୍କ କାକା ବଳରାମ ସିଂହଙ୍କୁ ଇଂରେଜ ସୈନ୍ୟମାନେ ବନ୍ଦୀ କଲେ ଓ ହଜାରିବାଗ ଜେଲ୍‌ରେ ରଖିଲେ । ରାମପୁର ଜମିଦାରଙ୍କୁ ହତ୍ୟା ଅଭିଯୋଗରେ ବିଚାର କରାଯାଇ ସେମାନଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ହୋଇଥିଲା ।

ନେତୃତ୍ୱ ଅଭାବରେ ବିଦ୍ରୋହର ଅବସାନ ହେଲା । ସମ୍ବଲପୁରରେ ବିଦ୍ରୋହୀମାନଙ୍କ ଉପରେ ଇଂରେଜମାନଙ୍କ ନିର୍ମମ ଅତ୍ୟାଚାର ଯୋଗୁଁ ଭୟରେ ଶାନ୍ତି ଅବସ୍ଥା ଫେରିଆସିଲା । ୧୮୪୯ ମସିହାରେ ବୃଦ୍ଧ ରାଜା ନାରାୟଣ ସିଂହ ଅପୁତ୍ରିକ ଅବସ୍ଥାରେ ପ୍ରାଣତ୍ୟାଗ କଲେ । କିଛି ଦିନ ଧରି ଇଂରେଜମାନେ ରାଣୀଙ୍କ ନାମରେ ଶାସନ ଚଳାଇଲେ । ଶେଷରେ ରାଜସ୍ୱତ୍ୱ ଲୋପ ନୀତି ଅନୁସାରେ ସମ୍ବଲପୁରକୁ ବ୍ରିଟିଶ ଶାସକମାନେ ନିଜ ଅଧୀନକୁ ନେଇ ଶାସନ କଲେ । ସଂଗେ ସଂଗେ ସାଧାରଣ ଲୋକଙ୍କ ଉପରେ ଖଜଣା ପରିମାଣ ବହୁଗୁଣ ବଢ଼ାଇଦେଲେ । ଜାଗିରି ଓ ନିଷ୍କର ଜମି ଉପରେ ଖଜଣା ଧାର୍ଯ୍ୟ କଲେ । ୧୮୪୯ ପୂର୍ବରୁ ସମ୍ବଲପୁର ରାଜକୋଷକୁ ଜମିଦାର ଓ ଗଉଁତିଆମାନେ ମୋଟ୍ ୮୮୦୦ ଟଙ୍କା ରାଜସ୍ୱ ଦେଉଥିଲେ । କିନ୍ତୁ ୧୮୫୪ ମସିହା ବେଳକୁ ଏହା ୮ଗୁଣରୁ ଅଧିକ ହୋଇ ୭୪ ହଜାର ଟଙ୍କାକୁ ବୃଦ୍ଧି ପାଇଲା । ଜମି ଉପଭୋକ୍ତାମାନେ ଏତେ ଅଧିକ ପରିମାଣ ଖଜଣା

ଦେଇପାରିବେ କି ନାହିଁ ତାହାର ବିଚାର କରାଗଲା ନାହିଁ । ଫଳରେ କୃଷକ ତଥା ଜମିଦାରମାନେ ଅତିଷ୍ଠ ହୋଇ ପଡ଼ିଲେ । ମାତ୍ର ନେତୃତ୍ୱ ଅଭାବରୁ ସେମାନେ ନିରୁପାୟ ହୋଇ ରହିଲେ ।

ଇଂରେଜମାନଙ୍କ ନିର୍ଯ୍ୟାତନା ଭୋଗି ଭୋଗି ସୁରେନ୍ଦ୍ର ସାଏ ହୁଏତ ହଜାରିବାଗ ଜେଲ୍‌ରେ ପ୍ରାଣତ୍ୟାଗ କରିଥାନ୍ତେ । ମାତ୍ର ୧୭ ବର୍ଷ କାଳ କାରାଦଣ୍ଡ ଭୋଗିବା ପରେ ଉତ୍ତର ଭାରତରେ ଆରମ୍ଭ ହେଲା ସିପାହି ବିଦ୍ରୋହ । ୧୮୫୭ ମସିହା ଜୁଲାଇ ୩୦ ତାରିଖ ହଜାରିବାଗରେ ଥିବା ଅଷ୍ଟମ ବଙ୍ଗୀୟ ପଦାତିକ ବାହିନୀର ଦୁଇଟି ଦଳ ବିଦ୍ରୋହ ଘୋଷଣା କଲେ ଓ ହଜାରିବାଗ ଜେଲ୍ ଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ର ଓ ଉଦନ୍ତ ଦୁଇ ଭାଇ ଜେଲରୁ ଖସି କେନ୍ଦୁଝରର ଅରଣ୍ୟାବୃତ୍ତ ପଥ ଦେଇ ଜନ୍ମଭୂମି ସମ୍ବଲପୁରକୁ ପଳାଇ ଆସିଲେ । ସେହି ଐତିହାସିକ ଦିନ ଥିଲା ୧୮୫୭ ମସିହା ସେପ୍ଟେମ୍ବର ମାସ ୭ ତାରିଖ । ଆଗମନ ଖବର ପାଇ ବହୁ ଜମିଦାର, ଗଉଁନ୍ତିଆ ଓ ଜନସାଧାରଣ ସମବେତ ହୋଇ ଶାସନଠାରେ ସୁରେନ୍ଦ୍ରଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇ ତାଙ୍କର ମନୋବଳ ଦୃଢ଼ କଲେ ।

ସମ୍ବଲପୁରରେ ସେତେବେଳକୁ ଅବସ୍ଥା ସାଂଘାତିକ । ଏଣେ କର ଭାର ବଢ଼ି ବଢ଼ି ଚାଲିଥାଏ । ଲୋକଙ୍କ ଦୁର୍ଦ୍ଦଶା ଓ ଅସନ୍ତୋଷ କହିଲେ ନ ସରେ । ସୁରେନ୍ଦ୍ର ସାଏ ଏହି ଅବସ୍ଥା ଅନୁଧ୍ୟାନ କରି କାଳ ବିଳମ୍ବ ନ କରି ସମ୍ବଲପୁରରେ ପହଞ୍ଚିଲେ ୧୮୫୭ ମସିହା ଅକ୍ଟୋବର ମାସ ୭ ତାରିଖ ଦିନ । ତାଙ୍କ ସମ୍ବଲପୁର ଆଗମନ ବାର୍ତ୍ତା ସ୍ଥାନୀୟ ଲୋକଙ୍କ ମନରେ ଅପୂର୍ବ ଉନ୍ମାଦନା ଖେଳାଇ ଦେଇଥାଏ । ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ୧୪୦୦ରୁ ୧୬୦୦ ଜଣ ଅନୁଗତ ବ୍ୟକ୍ତି ସମବେତ ହୋଇଥାଆନ୍ତି ।

ସୁରେନ୍ଦ୍ର ସାଏ ଫେରିଆସିବା ବେଳକୁ ଘେଁସ ଅଞ୍ଚଳରେ ବିଦ୍ରୋହର ଅଗ୍ନି ଜଳୁଥାଏ । ସ୍ୱାଧୀନଚେତା ତଥା ପ୍ରଜାବତ୍ସଳ ଘେଁସ ଜମିଦାର ମାଧୋ ସିଂହ ବ୍ରିଟିଶମାନଙ୍କର ଅତ୍ୟଧିକ ଖଜଣା ବୃଦ୍ଧିର ତୀବ୍ର ବିରୋଧୀ ଥିଲେ । ସେମାନଙ୍କର ଷଡ଼ଯନ୍ତ୍ର ଓ ସମ୍ପତ୍ତିଲିପ୍ସା ପ୍ରତି ତାଙ୍କର ଚରମ ଘୃଣା ଥିଲା । କିନ୍ତୁ ସେ ସୁଯୋଗ ଅପେକ୍ଷାରେ ଥିଲେ । ସୋନାଖାନ ଜମିଦାର ନାରାୟଣ ସିଂ ମଧ୍ୟ ଇଂରେଜମାନଙ୍କ ଅନ୍ୟାୟ ଶାସନର ବିରୋଧ କରି ବିଦ୍ରୋହ କରିବା ପାଇଁ ହାତ ଟେକି ବସିଥିଲେ । ସେମାନେ ସୁରେନ୍ଦ୍ରଙ୍କ ଆସିବା ଖବର ପାଇ ୧୮୫୭ ମସିହା ବିଜୟା ଦଶମୀ ଦିନ ମାଧୋ ସିଂ ନିଜର ପୁଅ ହାତୀ ସିଂ, କୁଞ୍ଜଲ୍ ସିଂ ଓ ବୈରି ସିଂଙ୍କ ସଙ୍ଗେ ଦଳେ ସଶସ୍ତ୍ର ଯୁବକଙ୍କୁ ସୁରେନ୍ଦ୍ରଙ୍କ ସମ୍ବର୍ଦ୍ଧନା ପାଇଁ ପଠାଇଥିଲେ । ସେଦିନ ସମ୍ବଲପୁରର ବ୍ରହ୍ମପୁରା ମନ୍ଦିରରେ ସମସ୍ତ ମୁଖ୍ୟ ବିଦ୍ରୋହୀ ପ୍ରଦୀପ ଜାଳି ଦେଶରୁ ଇଂରେଜମାନଙ୍କୁ ତଡ଼ିବା ପାଇଁ ଓ ସୁରେନ୍ଦ୍ର ସାଏଙ୍କୁ ସମ୍ବଲପୁର ରାଜଗାଦିରେ ବସାଇବା ପାଇଁ ଅଗ୍ନି ଶପଥ ନେଇଥିଲେ ।

ଦୀର୍ଘ ୧୭ ବର୍ଷ କାଳ କାରାଗାରରେ ବନ୍ଦୀ ଜୀବନ କଟାଇବା ଫଳରେ ସୁରେନ୍ଦ୍ରଙ୍କର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଥାଏ । ସେ ସେହି ମୁହୂର୍ତ୍ତରେ ସଶସ୍ତ୍ର ସଂଗ୍ରାମ ନିମନ୍ତେ ପ୍ରସ୍ତୁତ ନଥାନ୍ତି । ସେ ବିଶ୍ରାମ ଚାହୁଁଥାଆନ୍ତି । ତେଣୁ ସମ୍ବଲପୁରର ସହକାରୀ କମିଶନର ଲି'ଙ୍କୁ ୧୮୫୭ ମସିହା ଅକ୍ଟୋବର ୧୩ ତାରିଖ ଦିନ ସାକ୍ଷାତ୍ କରି ତାଙ୍କ ଉପରୁ ଏବଂ ତାଙ୍କ ଭାଇ ଉଦନ୍ତଙ୍କ ଉପରୁ ଦଣ୍ଡାଦେଶ ପ୍ରତ୍ୟାହାର କରିବାକୁ ଏବଂ ତାଙ୍କୁ ସମ୍ବଲପୁରର ରାଜପଦ ପ୍ରଦାନ କରିବାକୁ ଅନୁରୋଧ ଜଣାଇଲେ । କ୍ୟାପ୍‌ଟେନ୍ ଲି' ତାଙ୍କୁ ଅନ୍ୟ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ସମ୍ବଲପୁରରେ ନଜରବନ୍ଦୀରେ ରଖିଲେ । କିନ୍ତୁ ସୁରେନ୍ଦ୍ର ସାଏ ବିପଦ ଆଶଙ୍କା କରି ସମ୍ବଲପୁରରୁ ଖସି ନିଜ ଗାଁ ଖିଣ୍ଡାକୁ ପଳାଇଗଲେ । ସେଦିନ ଥିଲା ୧୮୫୭ ମସିହା ଅକ୍ଟୋବର ମାସ ୩୧ ତାରିଖ ରାତି । ଖିଣ୍ଡାରେ ତାଙ୍କ ଭାଇମାନେ ୧୪୦୦ ଅନୁଗତ ବିଦ୍ରୋହୀଙ୍କୁ ରଖାଇଥିଲେ । ସେମାନଙ୍କୁ ନେଇ ସେ ଏକ ଛୋଟ ପାହାଡ଼ ଉପରେ ଅବସ୍ଥିତ କୁଡୋପଲ୍ଲୀକୁ ନିଜର ସାମରିକ ଘାଟିରେ ପରିଣତ କଲେ ।

ଏହାପରେ ସୁରେନ୍ଦ୍ରଙ୍କ ନେତୃତ୍ୱରେ ଇଂରେଜ ସରକାର ବିରୋଧରେ ପ୍ରକାଶ୍ୟ ବିଦ୍ରୋହ ଦେଖାଦେଲା । ଘେଁସ, ଭେଡ଼େନ୍, କୋଲାବିରା, ପାହାଡ଼ ସିରିଗିଡ଼ି ଓ କୋଡ଼ାବିଗାର ଗଣ୍ଡ ଜମିଦାରମାନେ ସ୍ୱାଧୀନତା

ଆନ୍ଦୋଳନରେ ଯୋଗଦେଲେ । ଡିସେମ୍ବର ମାସ ବେଳକୁ ବିଦ୍ରୋହ ଅଧିକ ଭୟାବହ ହେଲା । ଅବସ୍ଥା ଗୁରୁତର ହେବାରୁ ସମ୍ବଲପୁରକୁ ଛୋଟନାଗପୁର କମିଶନରଙ୍କ ଅଧୀନରୁ ପ୍ରତ୍ୟାହାର କରି କଟକ କମିଶନରଙ୍କ ଅଧୀନରେ ରଖାଗଲା । ତେଣୁ କଟକର କମିଶନର କକବର୍ଣ୍ଣ ସାହେବ ଡିସେମ୍ବର ୧୯ ତାରିଖରେ ସମ୍ବଲପୁର ଯାଇ ଦାୟିତ୍ୱ ଗ୍ରହଣ କଲେ । ସେ ନାଗପୁରରୁ କେତେକ ଅଶ୍ୱାରୋହୀ ସୈନ୍ୟ ମଗାଇ କ୍ୟାପ୍‌ଟେନ୍ ଉଡ୍‌ଙ୍କ ଅଧିନାୟକତ୍ୱରେ ଡିସେମ୍ବର ୨୯ ତାରିଖରେ କୁଡ଼ୋପଲ୍ଲୀ ସାମରିକ ଘାଟି ଉପରେ ଅତର୍କିତ ଆକ୍ରମଣ କରି ସୁରେନ୍ଦ୍ରଙ୍କ ସାନଭାଇ ଛବିଳ ସାଏଙ୍କୁ ହତ୍ୟା କଲେ ।

ଏହି ଯୁଦ୍ଧ ପରେ ଇଂରେଜମାନେ ଆହୁରି କଠୋର ହୋଇଉଠିଲେ । ସେମାନେ ରାୟପୁର-ସମ୍ବଲପୁର ରାସ୍ତା ସଫା କରିବାକୁ ଉଦ୍ୟମ କଲେ । କାରଣ ବଣପାହାଡ଼ଘେରା ସିଙ୍ଗଡ଼ା ଘାଟିରେ ବିଦ୍ରୋହୀମାନେ ଲୁଚି ରାସ୍ତାରେ ଯାଉଥିବା ଇଂରେଜମାନଙ୍କୁ ହତ୍ୟା କରୁଥିଲେ । ସେହି ଘାଟିରେ ଘେଁସର ବିଦ୍ରୋହୀ ଜମିଦାର ମାଧୋ ସିଂହ ଓ ତାଙ୍କର ପୁଅମାନେ ଜଗିରହି ଗରିଲା ଯୁଦ୍ଧ କରୁଥିଲେ । ସିଙ୍ଗିଡ଼ା ଜମିଦାର ଜନାର୍ଦ୍ଦନ ସିଂହ ଇଂରେଜ ସେନାପତି ଉଡ୍‌ବ୍ରିଜଙ୍କ ମୁଣ୍ଡ କାଟି ପକାଇଲେ । ବିଦ୍ରୋହୀମାନେ କଟାମୁଣ୍ଡକୁ ଗୋଟିଏ ଗଛରେ ଟାଙ୍ଗି ଦେଲେ । ଏହାଦ୍ୱାରା ଛବିଳ ସାଏଙ୍କ ହତ୍ୟାର ପ୍ରତିଶୋଧ ନିଆଗଲା ।

୧୮୫୭ ମସିହା ନଭେମ୍ବର ମାସରୁ ସୁରେନ୍ଦ୍ର ବାହିନୀରେ ଯୋଗ ଦେଇଥିଲେ ଓଡ଼ିଶାର ଆଦିବାସୀ ଓ ଜନଜାତି ସମ୍ପ୍ରଦାୟର କୃଷକ ଓ ସେମାନଙ୍କ ମୁଖିଆ ଗଉଁନ୍ତିଆମାନେ । ଘେଁସ, ପାହାଡ଼ ସିରଗୀଡ଼, କୋଲାବିରା, ମଛିଦା, ଲଇଡ଼ା, କୋଦବଗା, ଲଖନ୍‌ପୁର, ଲୁଇସିଙ୍ଗା, ପାଟକୁଲଣ୍ଡା ଓ ଭେଡେନ୍‌ର ଜମିଦାରମାନେ ବିଦ୍ରୋହରେ ଅଂଶଗ୍ରହଣ କରିଥିଲେ । ବିଦ୍ରୋହୀମାନେ ପ୍ରଧାନତଃ କୃଷକ ଶ୍ରେଣୀର ଥିଲେ । ବ୍ରିଟିଶ ସରକାରଙ୍କର ସୁଶିକ୍ଷିତ ସୈନ୍ୟମାନଙ୍କ ତୋପ ବନ୍ଧୁକ ଓ ଗୁଳିଗୋଳା ଆଗରେ ତିଷ୍ଠି ରହି ଦୀର୍ଘଦିନ ବିଦ୍ରୋହ ଚଳାଇବା ସେମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର ଥିଲା । କିନ୍ତୁ ସେମାନଙ୍କ ମନରେ ଏକମାତ୍ର ଆଶା ଓ ଆଶ୍ୱାସନା ଥିଲା ଯେ, ସୁରେନ୍ଦ୍ର ସାଏ ରାଜା ହେଲେ ସେମାନଙ୍କର ସବୁ ଅସୁବିଧା ଦୂର ହୋଇଯିବ ।

ସୁରେନ୍ଦ୍ର ସାଏ ମଧ୍ୟ ଅସାଧାରଣ ବୀରତ୍ୱ, ସାମରିକ କୌଶଳ, ବିଚାର ବୁଦ୍ଧି ଓ ଅଧ୍ୟବସାୟ ସହିତ ବିଦ୍ରୋହ ପରିଚାଳନା କରୁଥିଲେ । ଅଶ୍ୱଚାଳନାରେ ତାଙ୍କ ପଟୁତା ଅନନ୍ୟ ଥିଲା । ଅପୂର୍ବ ବୀରତ୍ୱ ଓ ଆତ୍ମବିଶ୍ୱାସ ତାଙ୍କ ବ୍ୟକ୍ତିତ୍ୱର ପ୍ରଧାନ ଆକର୍ଷଣ ଥିଲା । ସମ୍ବଲପୁରର ରାସ୍ତାଘାଟ, ଘାଟୀ ଓ ଜଙ୍ଗଲ ସହ ସେ ପିଲାଦିନୁ ସୁପରିଚିତ ଥିଲେ । ତେଣୁ କେଉଁଠାରେ ସେନା ମୁତୟନ କଲେ ବ୍ରିଟଶ ସୈନ୍ୟଙ୍କୁ ଛିନ୍ନଛତ୍ର କରାଯାଇପାରିବ ତାହା ସେ ଭଲ ଭାବେ ଜାଣିଥିଲେ । ଗରିଲା ଯୁଦ୍ଧରେ ପାରଙ୍ଗମ ଥିବାରୁ ସେ ବହୁ କ୍ଷେତ୍ରରେ ବ୍ରିଟିଶ ସୈନ୍ୟଙ୍କୁ ଅସୁବିଧାରେ ପକାଇ ପାରିଥିଲେ ।

ଅସ୍ୱାସ୍ଥ୍ୟକର ଜଳବାୟୁ ଓ ଘନ ଜଙ୍ଗଲରେ ରହି ସୁରେନ୍ଦ୍ର ବାହିନୀ ସହ ଯୁଦ୍ଧ କରି କେତେକ ବ୍ରିଟିଶ ସୈନ୍ୟ ରୋଗାକ୍ରାନ୍ତ ହୋଇ ପଡ଼ିଲେ । ସେମାନଙ୍କ ଚିକିତ୍ସା ନିମନ୍ତେ ସମ୍ବଲପୁରରୁ ଦୁଇଜଣ ଇଂରେଜ ଡାକ୍ତର ଆସିଥିଲେ । କିନ୍ତୁ ଯୁଜୁମରାଠାରେ ବିଦ୍ରୋହୀମାନେ ଡାକ୍ତର ମୁର୍‌ଙ୍କୁ ହତ୍ୟା କଲେ ଓ ଡାକ୍ତର ହାମ୍‌ସ କୌଣସିମତେ ଖସି ପଳାଇଗଲେ ।

ଏହାପରେ ଇଂରେଜ ସୈନ୍ୟମାନେ ଆତଙ୍କିତ ହୋଇଉଠିଲେ । ବିଦ୍ରୋହ ଦମନ ନିମନ୍ତେ କର୍ଣ୍ଣେଲ ଓ ଫାଷ୍ଟରଙ୍କୁ କମିଶନରଙ୍କ କ୍ଷମତା ଦିଆଯାଇ ସମ୍ବଲପୁର ପଠାଗଲା । କଟକରୁ ବହୁ ସୈନ୍ୟସାମନ୍ତ ଓ ଅସ୍ତ୍ରଶସ୍ତ୍ର ଅଣାଗଲା । ସେ ୧୮୫୮ ମସିହା ମାର୍ଚ୍ଚ ୨୯ତାରିଖରେ ସମ୍ବଲପୁରରେ ପହଞ୍ଚି ଦାୟିତ୍ୱ ଗ୍ରହଣ କଲେ ଏବଂ ପାର୍ଶ୍ୱବର୍ତ୍ତୀ ଜମିଦାରମାନଙ୍କୁ ସୁରେନ୍ଦ୍ରଙ୍କୁ ସାହାଯ୍ୟ ନ କରିବାକୁ କଡ଼ା ଧମକ ଦେଲେ । ବିଦ୍ରୋହର ଅବସାନ ପାଇଁ କଠୋର ଦମନମୂଳକ ନୀତି ଅବଲମ୍ବନ କଲେ । ବହୁ ସଂଖ୍ୟାରେ ବିଦ୍ରୋହୀମାନଙ୍କୁ ଆଖିବୁଜା ଧରି ଜେଲ୍ ପଠାଇ ଦେଲେ । ସମ୍ବଲପୁର ଜେଲ୍‌ରେ ୮୦ଜଣଙ୍କ ପାଇଁ ସ୍ଥାନ ଥିବା ସତ୍ତ୍ୱେ ସେଠାରେ ଇଂରେଜମାନେ ୩୦୦ ବିଦ୍ରୋହୀଙ୍କୁ ନେଇ ବନ୍ଦୀ କରି ରଖିଲେ । ଉଜ୍ଜ୍ୱଳ ସାଏଙ୍କୁ ୧୮୫୮ ଜୁନ୍ ମାସରେ

ଫାଶୀଦଣ୍ଡ ଦେଲେ । ଏହିସବୁ କଠୋର ପଦକ୍ଷେପ ଫଳରେ ବିଦ୍ରୋହ ଦବିଗଲା, କିନ୍ତୁ ଇଂରେଜମାନେ ସୁରେନ୍ଦ୍ର ସାଏଙ୍କୁ ଧରିପାରିଲେ ନାହିଁ ।

୧୮୫୭–୫୮ ମସିହାରେ ସମ୍ବଲପୁର ବିଦ୍ରୋହରେ ସୁରେନ୍ଦ୍ର ସାଏ ତାଙ୍କ ପରିବାର, ଘେଁସ ଜମିଦାର ମାଧୋ ସିଂହ, ତାଙ୍କ ପରିବାର ତଥା ତାଙ୍କ ସାଥୀ ବିଦ୍ରୋହୀମାନେ ଅଭୂତପୂର୍ବ ଦେଶପ୍ରେମର ପରିଚୟ ଦେଇଥିଲେ । ସୀମିତ ଅସ୍ତ୍ର, ସୀମିତ ସମ୍ବଳ, ଅଳ୍ପ ପରିମାଣର ପୁରୁଣାକାଳିଆ ଅସ୍ତ୍ରଶସ୍ତ୍ର ସତ୍ତ୍ୱେ ସେମାନେ ଯେଉଁ ବୀରତ୍ୱ ପ୍ରଦର୍ଶନ କରିଥିଲେ, ତାହା ଅତୁଳନୀୟ । ସମ୍ମୁଖ ଯୁଦ୍ଧରେ ଇଂରେଜମାନଙ୍କୁ ପାରିବା କଷ୍ଟକର ମନେକରି ସେମାନେ ଗରିଲା ଯୁଦ୍ଧ ଚଳାଇଲେ ।

ସୁରେନ୍ଦ୍ର ଲୁଚିଛପି ରାୟପୁର ଓରେଓ୍ୱା ଅଞ୍ଚଳରେ ଆନ୍ଦୋଳନ ଚଳାଇ ରଖିଲେ । ୧୮୬୦ ମସିହା ସେପ୍ଟେମ୍ବର ମାସ ବେଳକୁ ସେ ଓ ତାଙ୍କର ଅନୁଚରମାନେ ଖଡ଼ିଆଳ ରାଜ୍ୟର ମାଣିକଗଡ଼ ପାହାଡ଼ ଅଭିମୁଖେ ଯାତ୍ରା କଲେ । ବାଟରେ ଇଂରେଜଙ୍କ ସହ ଯୁଦ୍ଧ ହେଲା କିନ୍ତୁ ସୁରେନ୍ଦ୍ରଙ୍କ ବିରୋଧରେ ଇଂରେଜଙ୍କ ଅଭିଯାନ ଚାଲୁ ରହିଲା । ସେମାନେ ବହୁ ଗ୍ରାମ ଜାଳିପୋଡ଼ି ଛାର୍‌ଖାର୍ କରିଦେଲେ । ବିଦ୍ରୋହୀ ଜମିଦାରମାନଙ୍କ ଧନସମ୍ପତ୍ତି ଲୁଣ୍ଠନ କଲେ । ସେମାନଙ୍କ ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ ହେବାରୁ ନିରୀହ ଲୋକେ ବଣଜଙ୍ଗଲକୁ ଜୀବନରକ୍ଷା ନିମନ୍ତେ ପଳାଇଗଲେ ।

୧୮୬୧ ମସିହା ଏପ୍ରିଲ ମାସରେ ମେଜର ଇମ୍ପେ ସମ୍ବଲପୁରର ଡେପୁଟି କମିଶନର ନିଯୁକ୍ତ ହେଲେ । ତାଙ୍କ ନୀତି, ଦୟା, କ୍ଷମା ଓ ସହାନୁଭୂତି ଉପରେ ଆଧାରିତ ଥିଲା । ସେ ଉଦାରପନ୍ଥା ଅବଲମ୍ବନ କରି ରାଜକ୍ଷମା ଘୋଷଣା କଲେ । ସେହିବର୍ଷ ସେପ୍ଟେମ୍ବର ମାସ ୨୪ ତାରିଖ ଓ ଅକ୍ଟୋବର ୧୧ ତାରିଖରେ ସେ ପ୍ରଚାର କଲେ ଯେ ଆତ୍ମସମର୍ପଣ କଲେ ବିଦ୍ରୋହୀମାନଙ୍କୁ କ୍ଷମା କରାଯିବ ଏବଂ ସେମାନଙ୍କ ସମ୍ପତ୍ତି ଫେରାଇ ଦିଆଯିବ । ସୁରେନ୍ଦ୍ରଙ୍କ ପରିବାରକୁ ବାର୍ଷିକ ୫୬୦୦ଟଙ୍କା ପେନ୍‌ସନ୍ ଦେବାକୁ ସେ କଟକ କମିଶନରଙ୍କୁ ସୁପାରିସ କରି ପଠାଇଥିଲେ । ବିଦ୍ରୋହୀମାନେ ମେଜର ଇମ୍ପେଙ୍କ ଉଦାର ନୀତି ଦ୍ୱାରା ପ୍ରଭାବିତ ହୋଇ ଆତ୍ମସମର୍ପଣ କଲେ । ସେମାନଙ୍କୁ କ୍ଷମା ପ୍ରଦାନ ସହ ସେମାନଙ୍କ ବାଜ୍ୟାପ୍ତ ସମ୍ପତ୍ତି ଫେରାଇ ଦିଆଗଲା । କିଛି କିଛି ଆର୍ଥିକ ପୁରସ୍କାର ମଧ୍ୟ ଦିଆଗଲା । ଅନେକ ଅସନ୍ତୁଷ୍ଟ ବିଦ୍ରୋହୀ ଆଶ୍ୱସ୍ତ ହେଲେ । ଏପରିକି ସୁରେନ୍ଦ୍ରଙ୍କ ଭାଇ ଉଦନ୍ତ, ଧ୍ରୁବ ଓ ପୁତ୍ର ମିତ୍ରଭାନୁ ମଧ୍ୟ ୧୮୬୨ ମସିହା ଜାନୁଆରୀ ୭ ତାରିଖ ଦିନ ଆତ୍ମସମର୍ପଣ କରିଥିଲେ । ମାଧୋ ସିଂହଙ୍କ ପୁତ୍ର ହାଥୀ ସିଂହ ଆତ୍ମସମର୍ପଣ କରିବାରୁ ତାଙ୍କୁ ଘେଁସ ଜମିଦାରୀ ଫେରାଇ ଦିଆଗଲା ।

କିନ୍ତୁ ସୁରେନ୍ଦ୍ର ଅନମନୀୟ ତଥା ନିଜ ପ୍ରତିଜ୍ଞାରେ ଅଟଳ ରହିଲେ । ସେ ଘୋଷଣା କଲେ– ସେ ବ୍ରିଟିଶ ସରକାରଙ୍କ ପାଖରେ କ୍ଷମା ପ୍ରାର୍ଥନା କରିବାକୁ ଚାହାନ୍ତି ନାହିଁ । ସମ୍ବଲପୁର ମାଟି ମା'ର ସ୍ୱାଧୀନତା ତଥା ରାଜସିଂହାସନ ଲାଭ ନିମନ୍ତେ ସେ ପ୍ରାଣପାତ ସଂଗ୍ରାମ ଚଳାଇବେ । ମେଜର ଇମ୍ପେଙ୍କ ଅନୁରୋଧ ବ୍ୟର୍ଥ ହେଲା ।

କ୍ରମଶଃ ସମଗ୍ର ଭାରତବର୍ଷରୁ ବିଦ୍ରୋହର ଅଗ୍ନି ଲିଭିଗଲା । ସୁରେନ୍ଦ୍ର ଶ୍ରାନ୍ତ ଓ କ୍ଳାନ୍ତ । ଲୋକନାଥ ପଣ୍ଡା ଓ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ନାମକ ଦୁଇଜଣ ବିଦ୍ରୋହୀ ନେତା ସୁରେନ୍ଦ୍ରଙ୍କୁ ବହୁତ ବୁଝେଇଲେ । ଉଦନ୍ତ ଥିଲେ ସୁରେନ୍ଦ୍ର ବାହିନୀର ସେନାପତି । ତାଙ୍କ ଆତ୍ମସମର୍ପଣ ସୁରେନ୍ଦ୍ରଙ୍କ ମନରେ ଆଘାତ ଦେଲା । ତଥାପି ସୁରେନ୍ଦ୍ର ଓ ଲଖନପୁର ଜମିଦାର କମଳ ସିଂହ ଆତ୍ମସମର୍ପଣ କଲେ ନାହିଁ ।

ଶେଷରେ ମେଜର ଇମ୍ପେ ଶେଷ ଚେଷ୍ଟା ଭାବେ ଉଦନ୍ତଙ୍କୁ ପଠାଇଲେ ସୁରେନ୍ଦ୍ରଙ୍କୁ ବୁଝେଇ ଶୁଝେଇ ଆତ୍ମସମର୍ପଣ ନିମନ୍ତେ ରାଜି କରାଇବାକୁ । ଉଦନ୍ତଙ୍କ ସହ ଆଲୋଚନା ପରେ ସୁରେନ୍ଦ୍ର ସର୍ତ୍ତ ଦେଲେ, ସମ୍ବଲପୁରର ନିରୀହ ପ୍ରଜାମାନଙ୍କୁ ବିଦ୍ରୋହ ଅଭିଯୋଗରେ ଯେପରି ନିର୍ଯାତନା ଦିଆଯାଉଛି, ତାହା ବନ୍ଦ କରାଯାଉ । ତାଙ୍କୁ ସମ୍ବଲପୁର ରାଜସିଂହାସନ ଫେରାଇ ଦେବାପାଇଁ ଚେଷ୍ଟା କରାଯାଉ ଏବଂ ତାଙ୍କ ସହ ଯେଉଁ କେତେଜଣ ବିଦ୍ରୋହୀ ଆତ୍ମଗୋପନ କରି ଅତି ଦୁଃଖ କଷ୍ଟରେ ରହିଛନ୍ତି, ସେମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦିଆଯାଉ ।

ମେଜର ଇମ୍ପେ ତାହା ସମ୍ମାନର ସହ ଗ୍ରହଣ କଲେ । ତାଙ୍କ ସହଯୋଗୀମାନଙ୍କ ପାଇଁ କିଛି ଆର୍ଥିକ ସାହାଯ୍ୟ ପଠାଇଲେ । ୧୮୬୨ ମସିହା ମେ ୧୬ ତାରିଖ ଦିନ ନିଜ ଜୀବନ ସୁରକ୍ଷା, ମୁକ୍ତି ଓ କ୍ଷମାଦାନର ପ୍ରତିଶ୍ରୁତି ପାଇ ସୁରେନ୍ଦ୍ର ଆତ୍ମସମର୍ପଣ କଲେ । ମେଜର ଇମ୍ପେ ତାଙ୍କୁ ଓ ତାଙ୍କର ଭାଇ ଉଦନ୍ତ ଓ ଧ୍ରୁବଙ୍କୁ ନିଜ ଗ୍ରାମ ଖିଣ୍ଡାରେ ନିର୍ଭୟରେ ବାସ କରିବାକୁ ଅନୁମତି ଦେଲେ । ତାଙ୍କ ପାଇଁ ବାର୍ଷିକ ୧୨୦୦ଟଙ୍କା ଏବଂ ଅନ୍ୟମାନଙ୍କ ଚଳିବା ପାଇଁ ପେନ୍‌ସନ୍ ବ୍ୟବସ୍ଥା ମଧ୍ୟ କଲେ । କେବଳ କମଳ ସିଂହ ଓ କୁଞ୍ଜଲ ସିଂହ ଆତ୍ମସମର୍ପଣ ନ କରି ବିଦ୍ରୋହ ଚଳାଇ ରଖିଲେ ।

ମାତ୍ର ଅଳ୍ପ ଦିନ ପରେ ସମ୍ବଲପୁରରେ ୧୮୬୩ ମସିହା ଡିସେମ୍ବର ମାସରେ ଉଦାରଚେତା ପ୍ରଶାସକ ମେଜର ଇମ୍ପେଙ୍କର ପରଲୋକ ହେଲା । ତାଙ୍କ ପରେ ଦାୟିତ୍ୱ ଗ୍ରହଣ କଲେ ମେଜର କେମ୍ବରଲେନ୍ । ସେ କିନ୍ତୁ କଠୋରପନ୍ଥୀ ଥିଲେ । ସୁରେନ୍ଦ୍ର ନିଜ ଗ୍ରାମରେ ଥିଲେ ମଧ୍ୟ ଅନ୍ୟଆଡ଼େ ଚାଲିଥିବା ବିଦ୍ରୋହ ତାଙ୍କ ପ୍ରରୋଚନାରେ ହେଉଛି ବୋଲି ସେ ଅନୁମାନ କଲେ । ତେଣୁ ସୁରେନ୍ଦ୍ରଙ୍କୁ ବନ୍ଦୀ କରିବା ପାଇଁ ଗୁପ୍ତ ଯୋଜନା କଲେ ।

୧୮୬୪ ମସିହା ଜାନୁଆରୀ ୨୩ ତାରିଖ, ସେଦିନ ପୁଷ ପୂର୍ଣ୍ଣମୀ । ଅର୍ଦ୍ଧ ରାତ୍ରିରେ ସୁରେନ୍ଦ୍ର ସାଏଙ୍କୁ ଗିରଫ କରିବା ପାଇଁ ସେ ଏକ ଷଡ଼ଯନ୍ତ୍ର ରଚନା କଲେ । ଷଡଯନ୍ତ୍ରର ମାଧ୍ୟମ ହେଲେ ସମ୍ବଲପୁରର ନିଶାଦ୍ରବ୍ୟ ବିକ୍ରେତା ବିଶ୍ୱାସଘାତକ ଦୟାନିଧି ମେହେର । ଦେବୀଙ୍କ ପ୍ରସାଦ ନାମରେ ସେ ସୁରେନ୍ଦ୍ର ଏବଂ ତାଙ୍କର ଆତ୍ମୀୟମାନଙ୍କୁ ନିଶାଦ୍ରବ୍ୟ ମିଶ୍ରିତ ଖାଦ୍ୟ ଖୁଆଇ ଦେଲେ । ଫଳରେ ସେମାନଙ୍କୁ ଅଚେତନ ଅବସ୍ଥାରେ ଗିରଫ କରାଗଲା । ରାତାରାତି ସୁରେନ୍ଦ୍ର, ଉଦନ୍ତ, ଧ୍ରୁବ, ମିତ୍ରଭାନୁ ଏବଂ ଧ୍ରୁବଙ୍କ ଚାରିପୁତ୍ରଙ୍କୁ ଗିରଫ କରି ସମ୍ବଲପୁର ଜେଲ୍‌କୁ ପଠାଇ ଦିଆଗଲା । ସେମାନଙ୍କ ପରେ ହଟେ ସିଂହ, କମଳ ସିଂହ, ଖଗେଶ୍ୱର ସିଂହ, ନୀଳାମ୍ବର ସିଂହ, ଲୋକନାଥ ଗଡ଼ତିଆ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପଦ୍ମନାଭ ଗୁରୁ, ଜଗବନ୍ଧୁ ହୋତା ଓ ପ୍ରଭାକର ମିଶ୍ର ପ୍ରମୁଖ ଗିରଫ ହେଲେ । ସମସ୍ତଙ୍କୁ ରାୟପୁର ଜେଲ୍‌କୁ ପଠେଇ ଦିଆଗଲା ।

ବିଚାରରେ ଦଶଜଣଙ୍କୁ ଯାବତ୍‌ଜୀବନ କାରାଦଣ୍ଡ ଓ ଚାରିଜଣଙ୍କୁ ସାତବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହେଲା । ୧୮୬୫ ମସିହାରେ ବିଦ୍ରୋହୀ ବନ୍ଦୀମାନଙ୍କୁ ଅସିରଗଡ଼ ଜେଲ୍‌କୁ ପଠାଗଲା । ଏଠାରେ ପ୍ରଥମେ ଉଦନ୍ତ ସାଏ, ଲୋକନାଥ ଗଡ଼ତିଆ, ମୃତ୍ୟୁଞ୍ଜୟ ପାଣୀଗ୍ରାହୀଙ୍କର ମୃତ୍ୟୁ ହେଲା ।

ସୁରେନ୍ଦ୍ରଙ୍କ ବିରୋଧରେ ମଧ୍ୟ ମିଥ୍ୟାରେ ସାମ୍ରାଜ୍ଞୀଙ୍କ ବିରୋଧରେ ପୁଣି ବିଦ୍ରୋହ ଆୟୋଜନ ଅଭିଯୋଗ ଆଣି ତାଙ୍କ ପ୍ରତି ଆଜୀବନ କାରାଦଣ୍ଡ ଆଦେଶ ହୋଇଥିଲା । ତାଙ୍କୁ ବନ୍ଦୀ କରି ମଧ୍ୟପ୍ରଦେଶ ରାୟପୁର ଜିଲ୍ଲାର ଅସିରଗଡ଼ ଦୁର୍ଗରେ ରଖିଲେ । ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରି ଦିଆଗଲା । ଜେଲ୍‌ରେ ନିର୍ଯାତନା ଭୋଗି ଭୋଗି ସେ ଅନ୍ଧ ହୋଇଗଲେ ଏବଂ ୧୮୮୪ ମସିହା ଫେବୃଆରୀ ମାସ ୨୮ ତାରିଖ ଗୋଟାଏ ବେଳେ ୭୫ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଜନ୍ମଭୂମିର ଗୌରବ ରଖିବା ପାଇଁ ସେ ଜାଣିଶୁଣି ଶହୀଦତ୍ୱ ବରଣ କରିନେଲେ ସତ ମାତ୍ର ଇଂରେଜମାନଙ୍କ କ୍ରୀଡନକ ହେବାକୁ ପସନ୍ଦ କରି ନ ଥିଲେ କି ନିଜର ସ୍ୱାଭିମାନ ବଳିଦେଇ ନ ଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସୁରେନ୍ଦ୍ର ସାଏଙ୍କର ସଂଗ୍ରାମ ଦୀର୍ଘତମ ସଂଗ୍ରାମ । ଏହା ଦୀର୍ଘ ୪୫ବର୍ଷ ଧରି ବହ୍ନିମାନ ହୋଇଥିଲା । କୌଣସି ସଂଗ୍ରାମୀ ଅନ୍ୟାୟ ବିରୋଧରେ ଏତେ ଦୀର୍ଘ ସମୟ ଧରି ସଂଗ୍ରାମ କରିବା କେବଳ ବୀରପ୍ରସବିନୀ ଓଡ଼ିଶା ମାଟିରେ ହିଁ ସମ୍ଭବ ହୋଇଥିଲା । ସୁରେନ୍ଦ୍ରଙ୍କ ମୃତ୍ୟୁରେ ପ୍ରଥମ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମର ଶେଷ ବହ୍ନିଶିଖା ନିର୍ବାପିତ ହୋଇଯାଇଥିଲା । କିନ୍ତୁ ସୁରେନ୍ଦ୍ର ରହିଗଲେ କୋଟି କୋଟି ଲୋକଙ୍କ ହୃଦୟରେ ସ୍ୱାଭିମାନ ରକ୍ଷା ପାଇଁ ପ୍ରେରଣାର ଉତ୍ସ ରୂପେ ଅମର, ଅବିସ୍ମରଣୀୟ ।

ସଂପାଦକ, 'ଆମେ ଓଡ଼ିଆ'
ପାଣ୍ଡବ ନଗର, ଭୁବନେଶ୍ୱର